ଓଡ଼ିଶା ଡ଼ଟ୍ କମ୍
odisha.com
World's first and only 24x7 Oriya news portal

Tuesday, Apr 21, 2009



**୨୦ ଅପ୍ରେଲ ସୋମବାର ୨୦୦୯**

Font Problem Click here

## ରାଜଧାନୀରେ ବୁଲା କୁକୁରଙ୍କ ଜନ୍ମ ନିୟନ୍ତ୍ରଣ ଯୋଜନା

ଓଡିଶା ଡଟ୍ କମ୍ ସମ୍ବାଦଦାତା

ଭୁବନେଶ୍ୱର, ଅପ୍ରେଲ ୨୦ (ଓଡିଶା ଡଟ୍ କମ୍) ରାଜ୍ୟର ସହର ବଜାରରେ ଦିନକୁ ଦିନ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଏମାନେ ଜନସାଧାରଣ ତଥା ପଶୁପକ୍ଷୀଙ୍କର କ୍ଷତି ଘଟାଉ ଥିବାରୁ ଏମାନଙ୍କ ସଂଖ୍ୟା କମାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଲା କୁକୁର ଜନ୍ମ ନିୟନ୍ତ୍ରଣ ଯୋଜନା ଆରମ୍ଭ କରାଯାଇଛି ।

ଗତ ୨୦୦୮ ମସିହା ମଇ ମାସଠାରୁ ଓଡିଶା ପଶୁ ସଂପଦ ବିକାଶ ବିଭାଗ ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀଙ୍କ ତ୍ୱାବଧାନରେ ଏହି ଯୋଜନା ଆରମ୍ଭ କରାଯାଇଛି ।



ଭୁବନେଶ୍ୱରର ସହିଦନଗରସ୍ଥିତ ପ୍ରାଣୀ ଚିକିତ୍ସାଳୟ ପରିସର ମଧ୍ୟରେ ୪୦ଟି କେନେଲ(କୁକୁର ରହିବା ଘର) ଓ ଗୋଟିଏ ଅସ୍ତ୍ରୋପଚାର ଗୃହ ନିର୍ମାଣ କରାଯାଇଛି ।

ଏହି ଯୋଜନାର ସଫଳ ରୂପାୟନ ପାଇଁ ଭୁବନେଶ୍ୱର ମହାନଗର ନିଗମ କମିଶନର ଓ ସେଠୀଙ୍କ ସହଯୋଗରେ ମହାନଗର ନିଗମ ପକ୍ଷରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

ପ୍ରତ୍ୟକ ସପ୍ତାହରେ ୪୦ଟି ବୁଲା କୁକୁରଙ୍କୁ ଅସ୍ତ୍ରୋପଚାର କରାଯାଇ ବନ୍ଧ୍ୟାକରଣ କରାଯାଉଛି । ଅସ୍ତ୍ରୋପଚାର ଓ ଜଳାତଙ୍କ ରୋଗର ପ୍ରତିଷେଧକ ଟୀକା ଦିଆଯିବା ପରେ ସେମାନଙ୍କୁ ୭ ଦିନ କେନେଲ୍‌ରେ ରଖାଯାଉଛି । ଏହାପରେ କୁକୁର ମାନଙ୍କୁ ଯେଉଁ ସ୍ଥାନରୁ ଅଣାଯାଉଛି ସେଠାରେ ଛାଡି ଦିଆଯାଉଛି ।

ଚଳିତବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୧୦୧୨ଟି କୁକୁରଙ୍କୁ ଜନ୍ମ ନିୟନ୍ତ୍ରଣ ଓ ଜଳାତଙ୍କ ରୋଗର ପ୍ରତିଷେଧକ ଟୀକା ପ୍ରଦାନ କରାଯାଇଛି । ଉକ୍ତ ଯୋଜନାକୁ ଡକ୍ଟର ମହେଶ ଚନ୍ଦ୍ର ମିଶ୍ର, ଓ ଡାକ୍ତର ଶଶୀଭୂଷଣ ସ୍ୱାଇଁ ପରିଚାଳନା କରୁଛନ୍ତି ।

ଏହି ବନ୍ଧ୍ୟାକରଣ ଅସ୍ତ୍ରୋପଚାରରେ ସହଯୋଗ କରି ସ୍ଥାନୀୟ ଓଡିଶା ପଶୁ ଚିକିତ୍ସା ମହାବିଦ୍ୟାଳୟର ଶଲ୍ୟ ଚିକିତ୍ସା ବିଭାଗର ସ୍ନାତକ ଛାତ୍ରୀବୃନ୍ଦ ତାଲିମ୍ ପାଇବାର ସୁଯୋଗ ପାଉଛନ୍ତି ।

ବୁଲା କୁକୁରଙ୍କ ଯୋଗୁଁ ସହର ବଜାରରେ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ବିଳମ୍ବିତ ରାତିରେ ଯାତାୟତ କରୁଥିବା ଲୋକମାନଙ୍କୁ ଏମାନେ କାମୁଡୁଛନ୍ତି ।



ବିଶେଷ

[+] ଲୋକମାନଙ୍କ ସମସ୍ୟ ଦୂର କରିବାକୁ
ଏମାନଙ୍କ ସଂଖ୍ୟା କମ୍ କରିବା ପାଇଁ ଉକ୍ତ ବନ୍ଧ୍ୟାକରଣ ଯୋଜନା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ।
ମହାନଗର ନିଗମ ବାସିନ୍ଦା ଉକ୍ତ କାର୍ଯ୍ୟ ପାଇଁ ସରକାରଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଥିବା
ମିଶ୍ର କହିଛନ୍ତି ।

ଓଡିଶା ଡଟ୍ କମ୍

Contact address: info@odisha.com , odisha@rediffmail.com
Copy right 2004-2009 odisha.com, All rights reserved
**Publisher & Owner: JATINDRA DASH**
**Editor: Prasanta Patnaik**
ଓଡ଼ିଶା ଡ଼ଟ୍ କମ୍‌ର ଘୋଷଣାନାମା